# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**18 July – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ବାଲେଶ୍ୱର ଛାତ୍ରୀମୃତ୍ୟୁ ଘଟଣାର ତଦନ୍ତ ଲାଗି ପହଞ୍ଚିଲେ ୟୁଜିସିର ସ୍ୱତନ୍ତ୍ର ଦଳ

— କଲେଜ୍‌ର ଆଭ୍ୟନ୍ତରୀଣ କମିଟିକୁ ଆଜି ପଚରାଉଚରା କରିବେ କ୍ରାଇମ୍‌ବ୍ରାଞ୍ଚ ଟିମ୍

- ସ୍କୁଲ ପାଠ୍ୟକ୍ରମରେ ମିଶନ୍ ଲାଇଫ୍‌କୁ ସମନ୍ୱିତ କରି ଏକ ସ୍ଥାୟୀ ଭବିଷ୍ୟତ ଦିଗରେ କାର୍ଯ୍ୟ କରିବା ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗୁରୁତ୍ୱାରୋପ

- ଉତ୍ତମ ପ୍ରଶାସନିକ ଅଭ୍ୟାସ ସମ୍ପର୍କିତ ଜାତୀୟ ସମ୍ମିଳନୀର ଆଜି ଦ୍ୱିତୀୟ ଦିନରେ ଶିକ୍ଷା ବିକାଶ ଓ ଆକାଂକ୍ଷୀ ବ୍ଲକ୍ ସମ୍ପର୍କିତ ଆଲୋଚନା ଜାରି

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିଛି ବର୍ଷା

# ନିର୍ଯାତନା ବିରୋଧୀ ଆଇନ୍

ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ସେଠାରେ କ୍ରାଇମ୍ ବ୍ରାଞ୍ଚ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସିର ଟିମ୍ ପହଞ୍ଚିଛନ୍ତି। ସମ୍ପୃକ୍ତ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଆଇସିସିର ସଦସ୍ୟମାନଙ୍କୁ ଆଜି କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରିବ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ପରେ ଏସ୍. ସାଇନୀଙ୍କ ନେତୃତ୍ୱରେ ଗତ ଦୁଇ ଦିନ ହେବ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଏହି ଘଟଣାସହ ସମ୍ପୃକ୍ତ ଓ କଲେଜର ବିଭିନ୍ନ କର୍ମଚାରୀଙ୍କୁ ପଚରାଉଚରା ଜାରି ରଖିଛି। ଏହି କ୍ରମରେ ଗତକାଲି ଆଇସିସି କମିଟିରେ ଥିବା ସଦସ୍ୟମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଆଗରେ ହାଜର ହେବା ଲାଗି ଅବଗତ କରାଯାଇଥିଲ।

ଅନ୍ୟପକ୍ଷରେ, ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ଏକ ତଥ୍ୟ ଅନୁସନ୍ଧାନ ଟିମ୍ ଗଠନ କରିଛି। ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ୟୁଜିସିର ପୂର୍ବତନ ସଦସ୍ୟ ସୁଷମା ଯାଦବ, ଗୁଜୁରାଟ ବିଶ୍ୱବିଦ୍ୟାଳୟର କୁଳପତି ନୀରଜ ଗୁପ୍ତା ଏବଂ ୟୁଜିସିର ଯୁଗ୍ମ ସଚିବ ଅଶୀମା ମଙ୍ଗଲା ଅଛନ୍ତି।

ଏହି ଟିମ୍ ଏଫ୍‌ଏମ୍ କଲେଜରେ ମହିଳା ନିର୍ଯାତନା ବିରୋଧୀ ସମ୍ପର୍କିତ ୟୁଜିସି ନିୟମାବଳୀ ସଠିକ୍ ଭାବେ ପାଳନ କରାଯାଇଥିଲା କି ନାହିଁ ଏବଂ

କେଉଁ ପାରିପାର୍ଶ୍ୱିକ କାରଣ ଯୋଗୁଁ ଏହି ଘଟଣା ଘଟିଲା, ତାହା ଉପରେ ସବିଶେଷ ତଥ୍ୟ ସଂଗ୍ରହ କରିବେ। ଏକ ସପ୍ତାହ ମଧ୍ୟରେ କମିଟି ୟୁଜିସି ନିକଟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବ ବୋଲି ଜଣାପଡିଛି।

## ଛାତ୍ରୀ ମୃତ୍ୟୁ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ପରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟ ଗୁଡ଼ିକରେ ନିର୍ଯ୍ୟାତନା ବିରୋଧୀ ଆଇନ୍‌କୁ କଡାକଡି ଭାବେ ପାଳନ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅଧକ୍ଷଙ୍କୁ ପତ୍ର ଲେଖାଯିବା ସହ ଆନ୍ତରୀଣ ଅଭିଯୋଗ ସମିତି ଗଠନ କରିବାକୁ ପରାମର୍ଶ ଦିଆଯାଇଛି ।

## ମିଶନ୍ ଲାଇଫ୍

ସ୍କୁଲ ପାଠ୍ୟକ୍ରମରେ 'ମିଶନ୍ ଲାଇଫ୍'କୁ ସମନ୍ୱିତ କରି ଏକ ସ୍ଥାୟୀ ଭବିଷ୍ୟତ ଦିଗରେ କାର୍ଯ୍ୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ନୂଆଦିଲ୍ଲୀଠାରେ ଗତକାଲି କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ଏ ନେଇ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପାଠ୍ୟକ୍ରମରେ ମିଶନ୍ ଲାଇଫ୍‌କୁ ଅନ୍ତର୍ଭୁକ୍ତ କରାଗଲେ ସମଗ୍ର ଭାରତ ବର୍ଷରେ ୧୪ ଦଶମିକ ୭ ଲକ୍ଷରୁ ଅଧିକ ସ୍କୁଲ ଏବଂ ୩୦ କୋଟିରୁ ଅଧିକ ଛାତ୍ରଛାତ୍ରୀମାନେ ଏହି ଜନଆନ୍ଦୋଳନରେ ସାମିଲ ହୋଇପାରିବେ ବୋଲି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଜାତୀୟ ଶିକ୍ଷାନୀତି ସ୍କୁଲ ପାଠ୍ୟକ୍ରମରେ ପରିବେଶ ସଚେତନତା ଏବଂ ଜଳବାୟୁ ପରିବର୍ତ୍ତନ ଶିକ୍ଷାର ପ୍ରାଧାନ୍ୟ ରହିଛି। ଏହା ପରିବେଶ ପାଇଁ ସୁସ୍ଥ ଜୀବନଶୈଳୀକୁ ବ୍ୟାପକ କରିବାରେ ସାହଯ୍ୟ କରିବ।

ତୃଣମୂଳ ସ୍ତରରେ ଜଳବାୟୁ ଶିକ୍ଷାକୁ ଗ୍ରହଣ କରିବା, ଗ୍ରାମିଫିକେଶନ ଏବଂ ଡିଜିଟାଲ ପଦ୍ଧତି ମାଧ୍ୟମରେ ପରିବେଶଗତ ଶିକ୍ଷା ଏବଂ ତାଲିମ୍‌କୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ରଛାତ୍ରୀ ତଥା ସମସ୍ତ ଅଂଶୀଦାରଙ୍କ ଦ୍ୱାରା ପରିବେଶ ଅନୁକୂଳ ଆଚରଣକୁ ପ୍ରୋତ୍ସାହିତ କରିବା ମିଶନ ଲାଇଫ୍‌ର ଲକ୍ଷ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଅଗ୍ନି–୧ ଓ ପୃଥ୍ୱୀ–୨ର ସଫଳ ପରୀକ୍ଷଣ

ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା ଡିଆର୍‌ଡିଓ ସହଯୋଗରେ ଭାରତୀୟ ସେନାର ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ପକ୍ଷରୁ ଅଗ୍ନି-୧ ପ୍ରାଇମ୍ ଏବଂ ପୃଥ୍ୱୀ-୨ର ସଫଳ ପରୀକ୍ଷଣ କରାଯାଇଛି । ଏହି ପରୀକ୍ଷଣ ଦ୍ୱାରା ଦେଶର ରଣନୀତିକ ଦକ୍ଷତା ପ୍ରଦର୍ଶିତ ହୋଇଥିବା ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

**V/O (Capsul)**

*ବାଲେଶ୍ୱର ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ରରୁ ଗତକାଲି ରାତିରେ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ପରୀକ୍ଷା କରାଯାଇଛି । ସେହିଭଳି ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପର ଏକୀକୃତ ପରୀକ୍ଷଣ କେନ୍ଦ୍ରରୁ*

*ଅଗ୍ନି-୧ ପ୍ରାଇମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି । ଅଗ୍ନି-୧ କ୍ଷେପଣାସ୍ତ୍ର ଯୁଦ୍ଧାସ୍ତ୍ର ବହନ କରିବା ସହ ୭୦୦ରୁ ୧୨ଶହ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷଭେଦ କରିପାରିବ । ପୃଥ୍ୱୀ-୨ର ୩୫୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାର କ୍ଷମତା ରହିଛି । ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ଚନ୍ଦନ ଘୋଷ ।*

## ଉତ୍ତମ ପ୍ରଶାସନିକ ଅଭ୍ୟାସ

ଭୁବନେଶ୍ୱରରେ 'ଉତ୍ତମ ପ୍ରଶାସନିକ ଅଭ୍ୟାସ' ସମ୍ପର୍କିତ ଜାତୀୟ ସମ୍ମିଳନୀର ଆଜି ଦ୍ୱିତୀୟ ଦିନରେ ଦେଶର ବିଭିନ୍ନ ରାଜ୍ୟରେ ସଫଳ ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଉଛି। ବିଶେଷକରି ଶିକ୍ଷା କ୍ଷେତ୍ରରେ ଦେଶର ଯେଉଁ ରାଜ୍ୟଗୁଡ଼ିକ ଅଗ୍ରଗତି କରୁଛନ୍ତି, ସେ ସମ୍ପର୍କରେ ବିସ୍ତୃତ ଭାବେ ଏହି ସମ୍ମିଳନୀରେ ଉପସ୍ଥାପନ କରାଯାଇଛି। ସମଗ୍ର ଶିକ୍ଷାର ମିଶନ ନିର୍ଦ୍ଦେଶକ ଡକ୍ଟର ଓମ୍ ପ୍ରକାଶ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଲାଗି ବ୍ୟବସ୍ଥା କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

ଅନ୍ୟପକ୍ଷରେ, ଏହି ସମ୍ମିଳନୀରେ ଜିଲ୍ଲାଗୁଡ଼ିକର ସାମଗ୍ରୀକ ବିକାଶ ଏବଂ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଉଛି। କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର, ସାଧାରଣ ଅଭିଯୋଗ ବିଭାଗ ଏବଂ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସୁଶାସନ ଢ଼ାଞ୍ଚା ନେଇ ମଧ୍ୟ ପ୍ରତିନିଧିମାନେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ଗତକାଲି ଆରମ୍ଭ

ହୋଇଥିବା ଏହି ସମ୍ମିଳନୀକୁ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ସମଗ୍ର ଦେଶରୁ ୪ ଶହରୁ ଅଧିକ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି।

## ଅଭିଯୋଗ ଶୁଣାଣୀ ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ଆସନ୍ତା ସୋମବାର ଦିନ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀକୁ ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଯାଇଛି।

# ମୁଖ୍ୟମନ୍ତ୍ରୀ-ସହାୟତା ରାଶି ପ୍ରଦାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ କାର୍ଯ୍ୟ ଅବଧି ସମୟରେ ମୃତ୍ୟୁ କିମ୍ବା ଅକ୍ଷମତା ଘଟିଲେ ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି । ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ ଅବଧି ସମୟରେ ପଞ୍ଚାୟତ ପ୍ରତିନିଧିଙ୍କ ମୃତ୍ୟୁ ହେଲେ ସେମାନଙ୍କ ପରିବାରବର୍ଗଙ୍କୁ ୨ଲକ୍ଷ ଟଙ୍କା ଏବଂ ଅକ୍ଷମତା କ୍ଷେତ୍ରରେ ମଧ୍ୟ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

# +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ

ରାଜ୍ୟରେ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ ଆଜି ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

ଛାତ୍ରଛାତ୍ରୀମାନେ **results.odisha.gov.in** ୱେବ୍‌ସାଇଟ୍‌ରେ ଅପରାହ୍ନ ୫ଟାରୁ ପରୀକ୍ଷା ଫଳ ଦେଖିପାରିବେ । ଯୁକ୍ତଦୁଇ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ହଜାରେ ୮ ଛାତ୍ରଛାତ୍ରୀ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇଥିବା ସୂଚନା ରହିଛି ।

## ଚାଷୀ ପଞ୍ଜିକରଣ

ଖରିଫ ବିପଣନ ବର୍ଷ ୨୦୨୫-୨୬ ନିମନ୍ତେ ଆସନ୍ତାକାଲିଠାରୁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେବ । ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ସୂଚନା ଅନୁଯାୟୀ ଚଳିତବର୍ଷ ଚାଷୀ ପଞ୍ଜିକରଣ ସମ୍ପୂର୍ଣ୍ଣ ନୂତନ ଭାବେ କରାଯିବ । ଏଥିରେ ପୂର୍ବବର୍ଷର ନବୀକରଣ କରାଯିବ ନାହିଁ । ପଞ୍ଜିକରଣ ପାଇଁ ଚାଷୀମାନଙ୍କର ଇ-କେୱାଇସି ଏବଂ ବ୍ୟାଙ୍କ ଖାତା ସହିତ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଛି । ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ଜାରି ରହିବ ।

### କର୍ମଶାଳା

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ରୋକିବା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା କର୍ମଶାଳାରେ ଯୋଗଦେଇ କର୍ମକ୍ଷେତ୍ରରେ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

## ବିଶ୍ୱ ଯୁବଦକ୍ଷତା ଦିବସ

**ବୌଦ୍ଧ** ଜିଲ୍ଲା ପାଲଝରସ୍ଥିତ ସରକାରୀ ଶିଳ୍ପତାଲିମ୍ ଅନୁଷ୍ଠାନରେ ବିଶ୍ୱ ଯୁବଦକ୍ଷତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନର ସହାୟତାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୫୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ସହର ପରିକ୍ରମା କରିଥିଲେ। ଏହି ଅବସରରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।

# ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ୨୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

ଗତ ୨୪ ଘଣ୍ଟା ମଧ୍ୟରେ ରାୟଗଡ଼ା ଜିଲ୍ଲାର କୋଟ୍ରାଗୁଡ଼ାରେ ସର୍ବାଧିକ ୧୧୭ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗତମାସ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୨୩ ପ୍ରତିଶତରୁ ଅଧିକ ବର୍ଷା ରେକର୍ଡ କରାଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସୁନ୍ଦରଗଡ଼, ଦେବଗଡ଼ ଓ ମୟୂରଭଞ୍ଜ ଜିଲ୍ଲା ସ୍ୱାଭାବିକ୍‌ଠାରୁ ଅଧିକ ବର୍ଷା

ହୋଇଯାଇଛି । ଅନ୍ୟପକ୍ଷରେ ପୁରୀ, ଗଜପତି ଓ ନୂଆପଡ଼ା ଜିଲ୍ଲାରେ ଚଳିତବର୍ଷ ସ୍ୱାଭାବିକଠାରୁ ୨୦ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି ।

*********************************